





ପଟ୍‌ଲାଇନ୍ ତୋରଣ।

# ଧରାବତରଣ କଲେ ଦେବଶିଳ୍ପୀ

- ଧୁମ୍‌ଧାମରେ ଆରମ୍ଭ ହେଲା ବିଶ୍ୱକର୍ମା ପୂଜା
- ରଙ୍ଗିନ ଆଲୋକରେ ଝଲସୁଛି ନାଲ୍‌କୋନଗର
- ପୂଜା ଦେଖିବାକୁ ମଣ୍ଡପରେ ପ୍ରବଳ ଭିଡ଼







ସିଆର୍‌ପି ଇଲେକ୍ଟ୍ରିକାଲ ତୋରଣ।

**ବଅଁରପାଳ, ୧୬।୯ (ସୁବାସ ସାହୁ)**

ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳା। ଆଖି ଝଲସାଇଦେଲା ଭଳି ହୋଇଛି ସାଜସଜ୍ଜା। ଗହଳିଚହଳିରେ ଫାଟି ପଡୁଛି ବିଭିନ୍ନ ପୂଜା ମଣ୍ଡପ। ଅନୁଗୋଳ ଜିଲା ନାଲ୍‌କୋନଗର ଠାରେ ସୋମବାର ଆରମ୍ଭ ହୋଇଥିବା ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଇଁ ଉତ୍ସବମୁଖର ସମଗ୍ର ପରିବେଶ। ଚଳିତବର୍ଷ ମୋଟ୍ ୧୯ଟି ମଣ୍ଡପରେ ପୂଜା ପାଉଛନ୍ତି ବିଶ୍ୱ ବିଧାଣି। ମଣ୍ଡପଗୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ପୂଜା କମିଟିଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ମନୋଭାବ ରହିଥିବାରୁ ଏଥର ସାଜସଜ୍ଜା ଖୁବ ସୁନ୍ଦର ହୋଇଛି। ବିଶେଷକରି ପଟ୍‌ଲାଇନ, କାଷ୍ଟ ହାଉସ-ଏ, କାଷ୍ଟହାଉସ-ବି, ରୋଡିଂଶପ, ସିପିପି ଅପରେଶନ, ଠିକାଦାର ସଂଘ, ମୋବାଇଲ ଶପ, ଆର୍‌ପିୟୁ ଆଦି ପୂଜା ମଣ୍ଡପରେ ଅତି ଆଡ଼ମ୍ବରରେ ପୂଜା ପାଳନ କରାଯାଉଛି। ପୂଜାକୁ ଅଧିକ ଆକର୍ଷଣୀୟ କରିବାକୁ ବିଭିନ୍ନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯାଉଛି। ସେହିପରି ମିନାବଜାର, ଦୋଳି, ପଲ୍ଲିଶ୍ରୀ ମେଳା ଆଦି ଲୋକଙ୍କୁ ଅଧିକ ଆକର୍ଷିତ କରୁଛି। ମଣ୍ଡପ ଗୁଡ଼ିକ ଭିତର ସାଜସଜ୍ଜାରେ କୃଷ୍ଣ ଜନ୍ମ, ଅଯୋଧାରେ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା, ପୁରୀର ରତ୍ନ ଭଣ୍ଡାର ଖୋଲାଯିବା ଆଦି ଦୃଶ୍ୟ ସ୍ଥାନ ପାଇଛି। ସେହିପରି ତୋରଣଗୁଡ଼ିକ ମଧ୍ୟରେ ଜଗନ୍ନାଥ ମନ୍ଦିର, କେରଳି କଥକଲ୍ଲି ନୃତ୍ୟ, ତାଇୱାନର ବୁଦ୍ଧ ମନ୍ଦିର, ଶିବ ଲିଙ୍ଗ ଆକୃତିରେ ତୋରଣ ଲୋକଙ୍କ ମନକୁ ଛୁଇଁପାରିଛି। ୨୨ ତାରିଖ ଯାଏ ପୂଜା ପାଳନ ପରେ ୨୩ ତାରିଖରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ। ଚଳିତବର୍ଷ ସୁରକ୍ଷା ଦୃଷ୍ଟିରୁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ୩୦୦ ପୋଲିସ କର୍ମଚାରୀ, ସିଆଇଏସ୍‌ଏଫ୍‌ର ୬୦ ଜଣ, ଘରୋଇ ସୁରକ୍ଷା ସଂସ୍ଥାର ୮୦ ଜଣ କର୍ମଚାରୀ ନିୟୋଜିତ ହେଉଛନ୍ତି। ସାଦା ପୋଷାକରେ ସୁରକ୍ଷା କର୍ମୀ ଓ ପର୍ଯ୍ୟାପ୍ତ ପରିମାଣରେ ସିସିଟିଭି ବ୍ୟବସ୍ଥା ହୋଇଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଳାରେ ଖାଦ୍ୟର ମାନ ଯାଞ୍ଚ କରାଯିବ। ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ ଯୋଗାଣ, ଉତ୍ତମ ପରିମଳ, ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରାଯାଇଛି। ଏକ କେନ୍ଦ୍ରୀୟ କଣ୍ଟ୍ରୋଲ ରୁମ ସହ ୬ଟି ସ୍ଥାନରେ କଣ୍ଟ୍ରୋଲ ରୁମ୍, ଡାକବାଜି ଯନ୍ତ୍ରର ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟସେବା ପାଇଁ ଆମ୍ବୁଲାନ୍ସ ଓ ଚିକିତ୍ସକଙ୍କୁ ପ୍ରସ୍ତୁତ ରଖାଯାଇଛି।


କାଷ୍ଟହାଉସ ତୋରଣ।


ନାଲ୍‌କୋ କଣ୍ଟ୍ରାକ୍ଟର ୱେଲଫେୟାର ତୋରଣ।



ନୂତନ ସଂସଦ ସଦୃଶ ତୋରଣ।


ମେଟ୍ରିଆଲ ଡିପାର୍ଟମେଣ୍ଟ ତୋରଣ। (ଫଟୋ-ବୁବୁ)

## ମାଧପୁରରେ ବିରାଜିଲେ ବିଶ୍ୱକର୍ମା

**ମାଧପୁର, ୧୬।୯ (ମନୋଜ ପ୍ରଧାନ)**

ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ତଥା ବ୍ୟବସାୟିକ ପ୍ରତିଷ୍ଠାନ, ବିଦ୍ୟୁତ୍ ଷ୍ଟ୍ରକ୍ଟର୍, ତ୍ରିନାଥ ଅଟୋ ଆସୋସିଏଶନରେ ବିଶ୍ୱକର୍ମାଙ୍କ ପୂଜା ବହୁ ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରାୟ ସମସ୍ତ ଅନୁଷ୍ଠାନ ପକ୍ଷରୁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିବା ବେଳେ ସନ୍ଧ୍ୟାରେ ତ୍ରିନାଥ ଅଟୋ ଆସୋସିଏଶନ ପକ୍ଷରୁ ମା' ମେଲୋଡି ପକ୍ଷରୁ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ଅନୁଗୋଳ ଧରିତ୍ରୀ ଅଫିସରେ ବିଶ୍ୱକର୍ମାଙ୍କ ପୂଜା



**ଅନୁଗୋଳ, ୧୬।୯ (ମାନସ ବିଶାଳ)**

ଅନୁଗୋଳ ସହର ଶିଳ୍ପାଞ୍ଚଳରେ ଥିବା 'ଧରିତ୍ରୀ' କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ପୂଜକ ନରେନ୍ଦ୍ର ପଣ୍ଡା ରୀତିନୀତି ଅନୁଯାୟୀ ପ୍ରଭୁ ବିଶ୍ୱକର୍ମାଙ୍କୁ ଆବାହନ ପୂର୍ବକ ପୂଜାର୍ଚ୍ଚନା କରିଥିଲେ। ସୌରଭ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପୂଜା ଉତ୍ସବରେ ଜିଲା ପ୍ରତିନିଧି ମାନସ ବିଶ୍ୱାଳ, ଜ୍ୟୋତିରଞ୍ଜନ ସାହୁଙ୍କ ସମେତ ପ୍ରଦ୍ୟୁମ୍ନ ବେଉରା, ଗୋଲକ ବେହେରା, ରାମଚନ୍ଦ୍ର ବେହେରା, ସରୋଜ ସାହୁ, ଶରତ ସାହୁ, ଅଭୟ ସାହୁ, ସୂର୍ଯ୍ୟକାନ୍ତ ସାହୁ, କେଦାର ନାଥ ବେହେରା, ସଦାନନ୍ଦ ମିଶ୍ର, ସିପୁନ ପ୍ରଧାନ, କିଶୋର ସାହୁ, କୁଶଧର ସାହୁ, ବାବୁଲା ସ୍ୱାଇଁ, ଜିତେନ୍ଦ୍ର ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଠମଲ୍ଲିକରେ ବିଶ୍ୱକର୍ମାଙ୍କ ଆରାଧନା

**ଆଠମଲ୍ଲିକ, ୧୬।୯ (ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ସହରର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ଗାନ୍ଧୀ ପାର୍କ ନିକଟସ୍ଥ ଟ୍ୟାକ୍ସି ଡ୍ରାଇଭରମାନଙ୍କ ତରଫରୁ ପୂଜା କରାଯାଇଥିଲା। ସେହିପରି ବସ୍‌ଷ୍ଟାଣ୍ଡ ଟ୍ୟାକ୍ସି ଷ୍ଟାଣ୍ଡ ମଧ୍ୟରେ ଧୁମ୍‌ଧାମରେ ପୂଜା ଅନୁଷ୍ଠିତ ହୋଇଥିଲା। ଦିନତମାମ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସହର ମଧ୍ୟରେ ବିଦ୍ୟୁତ୍ ବିଭାଗ, ଉଠା ଜଳସେଚନ ବିଭାଗ, ଗ୍ରାମୀଣ ଜଳ ଯୋଗାଣ ବିଭାଗ, ସରକାରୀ ଆଇଟିଆଇ କଲେଜ ମଧ୍ୟରେ ବିଶ୍ୱକର୍ମାଙ୍କ ପୂଜା କରାଯାଇଛି।





## ରେଙ୍ଗାଳି ପ୍ରକଳ୍ପରେ ବିଶ୍ୱକର୍ମା ପୂଜା

**କଣିହାଁ, ୧୬।୯ (ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପର ବିଭିନ୍ନ ପୂଜା ମଣ୍ଡପରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଆରମ୍ଭ ହୋଇଛି। ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ପୂଜା ପାଇଁ ପ୍ରକଳ୍ପ ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି। ପ୍ରକଳ୍ପ ଡ୍ୟାମ ଡିଭିଜନ, ଓଏଚ୍‌ପିସି, ଶିଳ୍ପ ତାଲିମ ପ୍ରତିଷ୍ଠାନ ପକ୍ଷରୁ ପ୍ରଥମେ କଳସ ଯାତ୍ରାରେ କରାଯାଇଥିଲା। ପ୍ରକଳ୍ପସ୍ଥ ଓଏଚ୍‌ପିସି ପୂଜା ମଣ୍ଡପ, ଜଳ ସମ୍ପଦ ବିଭାଗ, ଡ୍ରାଇଭର ସଂଘ, ଶିଳ୍ପ ତାଲିମ ପ୍ରତିଷ୍ଠାନ, ପାୱାର ଗ୍ରୀଡ୍, ଓପିଟିସିଏଲ ଗ୍ରୀଡ୍, ସୁସି ଅଟୋ ଗ୍ୟାରେଜ ଆଦି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୂଜା ଅନୁଷ୍ଠିତ ହୋଇଛି। ସୁଦୃଶ ତୋରଣ ସହ ବିଭିନ୍ନ ପୂଜାମଣ୍ଡପରେ ଆଖି ଝଲସା ଲାଇଟ ଗେଟ୍ ଓ ରଙ୍ଗିନ ଆଲୋକମାଳାରେ ସମଗ୍ର ଅଞ୍ଚଳ ଝଲସି ଉଠୁଛି। ମିନାବଜାର ସାଙ୍ଗକୁ ଯାତ୍ରପାର୍ଟି ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରୁଛି। ଜନଗହଳିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଆଇଆଇସି ଜୟନ୍ତ ମହାନ୍ତି ସୂଚନା ପ୍ରଦାନ କରିଛନ୍ତି।



## ପାଲଲହଡ଼ାରେ ଗଜାନନଙ୍କ ଭସାଣି ଶୋଭାଯାତ୍ରା

**ପାଲଲହଡା, ୧୬।୯ (ଦିବ୍ୟଜ୍ୟୋତି ଦାଶ)**

ପାଲଲହଡା ଉପଖଣ୍ଡରେ କେନ୍ଦ୍ରୀୟ ଗଣେଶ ପୂଜା କମିଟି ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଗଣେଶ ପୂଜା ସୋମବାର ଶେଷ ହୋଇଛି। ୧୦ ଦିନ ଧରି ଜାକଜମକରେ ପୂଜା ସହ ମିନାବଜାର, ବିଭିନ୍ନ ପ୍ରକାରର ଦୋଳି, ଭଳିକି ଭଳି ସୁସ୍ୱାଦୁ ଖାଦ୍ୟ ସହ ମେଲୋଡିର ଭରପୂର ମଜା ଜନସାଧାରଣ ନେଇଥିଲେ। ଫ୍ରେଣ୍ଡସ କ୍ଲବ, ବ୍ରଦର୍ସ କ୍ଲବ, ମା' କୁଣ୍ଡେଇବିରା କ୍ଲବ, ରାମ ମନ୍ଦିର କ୍ଲବ, କିଙ୍ଗ କ୍ଲବ, ଶାସନ ସାହି କ୍ଲବ, ଉଦିତ ନଗର କ୍ଲବ, ଜଗନ୍ନାଥ କ୍ଲବ, ରୟାଲସ କ୍ଲବ, ବଜରଙ୍ଗ କ୍ଲବ, ସାମନ୍ତସାହି କ୍ଲବ, ଇଗଲ କ୍ଲବ ପକ୍ଷରୁ ପୂଜା ପରେ ମେଳଣ ଏବଂ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାଲଲହଡା ଷ୍ଟାଡିୟମଠାରେ ମେଳଣ ଉତ୍ସବ ପରେ ଅପରାହ୍ନ ୨ଟାରେ ସମସ୍ତ ମେଢ଼ ପାଟପଟୁଆରରେ ଆସି ଷ୍ଟାଡିୟମ ଠାରେ ପହଞ୍ଚିଥିଲା। ମୁଖ୍ୟ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବିଧାୟକ ଅଶୋକ ମହାନ୍ତି, ଉପଜିଲାପାଳ ସୁଶାନ୍ତ କୁମାର ପତି ଏବଂ ବିଡିଓ ଦିଲ୍ଲୀପ କୁମାର ବାରା ଏବଂ ମୁଖ୍ୟବକ୍ତା ଭାବେ ମାଲ୍ୟଗିରି ମହାବିଦ୍ୟାଳୟ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। କେନ୍ଦ୍ରୀୟ ପୂଜା କମିଟି ସଭାପତି ଆଶିଷ କୁମାର ସାମଲ ସଭାପତିତ୍ୱ କରିଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, କୋଷାଧ୍ୟକ୍ଷ ଭୂପେନ କୁମାର ନାୟକଙ୍କ ସହ ସମସ୍ତ ପୂଜା କମିଟି ସଭାପତି ଏବଂ ସମ୍ପାଦକ ଉପସ୍ଥିତ ଥିଲେ। ଶେଷରେ ଗଜାନନଙ୍କ ରୌପ୍ୟ ମୂର୍ତ୍ତିକୁ ୩୨ ହଜାର ଟଙ୍କାରେ ରୟାଲ କ୍ଲବର ସଭାପତି କାହ୍ନୁ ନାୟକ ନିଲାମ ନେଇଥିଲେ। ଆଞ୍ଚା ଲଡୁକୁ ଜଗନ୍ନାଥ କ୍ଲବ ୨୫ ହଜାର ଟଙ୍କାରେ ନିଲାମ ନେଇଥିଲେ। ପରେ ସମସ୍ତ ମେଢ଼ ଶୋଭାଯାତ୍ରାରେ ବିସର୍ଜନ ପାଇଁ ଯାଇଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ସହରରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।



## ବଇଣ୍ଡାରେ ବିଶ୍ୱବିଧାଣିଙ୍କ ପୂଜା

**ବଇଣ୍ଡା, ୧୬।୯ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାର ବିଭିନ୍ନ ସ୍ଥାନରେ ସୋମବାର ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ବଇଣ୍ଡାସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ, ସତ୍ୟ ନାରାୟଣ ଆଇଟିଆଇ, ନାକିଚି, ବାମୁର ବିଦ୍ୟୁତ୍ କାର୍ଯ୍ୟାଳୟ ସହ ବିଭିନ୍ନ ଗ୍ୟାରେଜରେ ଧୁମ୍‌ଧାମରେ ପୂଜା ଅନୁଷ୍ଠିତ ହୋଇଥିଲା। ବଇଣ୍ଡା ଚନ୍ଦନ ପୋଖରୀରୁ ପାଣି ଆଣିବା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜକ ଜଗତ ମୋହନ ମିଶ୍ର ରୀତିନୀତି ଅନୁସାରେ ପୂଜା କରିଥିଲେ। ରଙ୍ଗ ବେରଙ୍ଗ ଆଲୋକମାଳାରେ ପୂଜା ମଣ୍ଡପଗୁଡ଼ିକ ଝଲସି ଉଠୁଥିବା ବେଳେ ଚୁମ୍ବକୀୟ ଲାଇଟ ଯୋଗୁ ଏହା ଆକର୍ଷଣୀୟ ହୋଇଥିଲା। ଅକ୍ଷୟ କୁମାର ସାହୁ, କାଶୀନାଥ ମଲ୍ଲିକ, ପ୍ରମୋଦ କୁମାର ପ୍ରଧାନ, ସମୀର ପ୍ରଧାନ, ସୁନୀଲ ବିଶ୍ୱାଳ, ସୁନୀଲ ପ୍ରଧାନ, ସରୋଜ ରାଉଳଙ୍କ ସମେତ ବହୁ ଠିକାଦାର ସହଯୋଗ କରିଥିଲେ।



# ଅକ୍ଟୋବର ୧୬ରୁ ଢେଙ୍କାନାଳ ଲକ୍ଷ୍ମୀପୂଜା

■ରାମ ପାତ୍ର ହେଲେ ମିଳିତବଜାର ପୂଜା କମିଟି ସଭାପତି
■ମହାବୀର ବଜାର ପାଳିବେ ହୀରକ ଜୟନ୍ତୀ
■ଦେଉଳସାହି ପୂଜା ପ୍ରତିଷ୍ଠାନରେ ହେବ ଚାନ୍ଦି ମେଢ


ମିଳିତବଜାର ଲକ୍ଷ୍ମୀପୂଜା କମିଟି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଢେଙ୍କାନାଳ,୧୬।୯(ରତନ ନାୟାର)

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ଆସନ୍ତା ଅକ୍ଟୋବର ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସୋମବାର ସନ୍ଧ୍ୟା ୬ଟାରେ ଢେଙ୍କାନାଳ ସହରର ସୂର୍ଯ୍ୟ ମଣ୍ଡପଠାରେ ମିଳିତବଜାର ଲକ୍ଷ୍ମୀପୂଜା କମିଟି ବୈଠକରେ ଏହା ନିଷ୍ପତ୍ତି ହୋଇଛି। ଚଳିତବର୍ଷ ଲକ୍ଷ୍ମୀପୂଜା ଉତ୍ସବ ପାଇଁ ରାମଚନ୍ଦ୍ର ପାତ୍ର ସର୍ବସମ୍ମତି କ୍ରମେ ସଭାପତି ମନୋନୀତ ହୋଇଥିଲେ। ଚଳିତବର୍ଷ ମହାବୀର ବଜାର ପୂଜା ପ୍ରତିଷ୍ଠାନ ୭୫ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀ ପାଳନ କରୁଥିବାରୁ ବୈଠକରେ ମହାବୀର ବଜାର ପୂଜା କମିଟିକୁ ଶୁଭେଚ୍ଛା ଓ ଅଭିନନ୍ଦନ ପ୍ରଦାନ କରାଯାଇଥିଲା। ସେହିପରି ଦେଉଳସାହି ପୂଜା କମିଟି ପକ୍ଷରୁ ଚଳିତବର୍ଷ ଚାନ୍ଦିମେଢ ଅନୁଷ୍ଠିତ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଶ୍ରୀଶ୍ରୀ ମଉଡମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ଆବାହକତ୍ୱରେ ମିଳିତବଜାର ପୂଜା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ମିନାବଜାର ପୂଜା କମିଟି ସଭାପତି ରବି ନାରାୟଣ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ପୀତବାସ ସାହୁ ପୂଜା ଉତ୍ସବର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ମିଳିତବଜାର ପୂଜା କମିଟି ସଭାପତି ଜ୍ଞାନେନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। ବୈଠକରେ ୩୮ଟି ବଜାର ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ବୈଠକରେ ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜାକୁ ରାଜ୍ୟରେ ମାନ୍ୟତା ଦେବା ପାଇଁ ଦାବି ଜୋର ଧରିଥିଲା। ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଗୋପାଳଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ବ୍ରହ୍ମାନନ୍ଦ ସାହୁ, ସୁକାନ୍ତ ମିଶ୍ର, ସୁଧାଂଶୁ ଦଳେଇ, ସମରେନ୍ଦ୍ର ନନ୍ଦ, ମୁରଲୀଧର ଭଞ୍ଜ, ସାଗିର ମହମ୍ମଦ ଓ ଦୀପକ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଚଳିତବର୍ଷ ୧୦ ଦିନ ବ୍ୟାପୀ ଲକ୍ଷ୍ମୀପୂଜା ଉତ୍ସବ ଓ ମିଳିତ ଭସାଣି ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଖମାରସାହି ପୂଜା କମିଟି କାର୍ଯ୍ୟକାରୀ ସଭାପତି ସୁକାନ୍ତ ମିଶ୍ର ମିଳିତବଜାର ପୂଜା କମିଟି ସଭାପତି ପଦବୀ ପାଇଁ ବାଜିଚୌକ ପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ରଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଏହାକୁ ଅନ୍ୟମାନେ ସମର୍ଥନ କରିଥିଲେ। ମିଳିତବଜାର ପୂଜା କମିଟି ସଭାପତି ଭାବେ ମନୋନୀତ ହେବାପରେ ରାମଚନ୍ଦ୍ର ପାତ୍ର କହିଛନ୍ତି, ଢେଙ୍କାନାଳ ଲକ୍ଷ୍ମୀପୂଜା ଉତ୍ସବ ପାଇଁ ସମସ୍ତଙ୍କ ଆବେଗ ରହିଛି। ଲକ୍ଷ୍ମୀପୂଜା ଉତ୍ସବକୁ ରାଜ୍ୟରେ ସଂସ୍କୃତି ମାନ୍ୟତା ପ୍ରଦାନ ପାଇଁ ଚେଷ୍ଟା କରାଯିବ। ଲକ୍ଷ୍ମୀପୂଜା ଉତ୍ସବ ଆହୁରି ଆଗକୁ ବଢୁ। ଚଳିତବର୍ଷ ଲକ୍ଷ୍ମୀପୂଜା ଉତ୍ସବକୁ ନେଇ ପୁରସ୍କାର ପ୍ରଦାନ ନିଶ୍ଚିତ ଭାବେ କରାଯିବ। ଚଳିତବର୍ଷ ପୂଜା ଓ ଭସାଣି ଉତ୍ସବକୁ ଢେଙ୍କାନାଳର ଐତିହ୍ୟ, ପରମ୍ପରା ଓ ଭାଇଚାରା ମଧ୍ୟରେ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମିଳିତବଜାର ପୂଜା କମିଟି ବୈଠକ ଓ ସଭାପତି ଚୟନ ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯିବା ପରେ ଜିଲା ପ୍ରଶାସନ ପକ୍ଷରୁ ଲକ୍ଷ୍ମୀପୂଜାକୁ ନେଇ ବୈଠକ ଅନୁଷ୍ଠିତ ହେବ।

# ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀରେ ଶୋଭାଯାତ୍ରା

ଢେଙ୍କାନାଳ,୧୬।୯(ରତନ ନାୟାର)

ଢେଙ୍କାନାଳ ସହରରେ ସୋମବାର ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କାଞ୍ଚନ ବଜାରସ୍ଥିତ ମୋତି ମସଜିଦରେ ଇମାମ୍ ହାଫିଜ୍ ମହମ୍ମଦ ଜଲାଲୁଦ୍ଦିନ ମହାପୁରୁଷ ମହମ୍ମଦଙ୍କ ବାଣୀ ପାଠ କରିବା ପରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା କାଞ୍ଚନ ବଜାର ମୋତି ମସ୍‌ଜିଦଠାରୁ ବାଜିଚୌକ, ଚନ୍ଦନ ବଜାର, କାରିଗର ସାହି, ଜବାହରଚୌକ, ଲକ୍ଷ୍ମୀବଜାର, ଗଣେଶ ବଜାର, ବସ୍‌ଷ୍ଟାଣ୍ଡ ଆଦି ଦେଇ ମୋତି ମସଜିଦକୁ ପ୍ରତ୍ୟାବର୍ତ୍ତନ କରଥିଲା। ଏହି କାର୍ଯ୍ୟକ୍ରମରେ କୁନିକୁନି ପିଲାଙ୍କ ସମେତ ଯୁବ ସମାଜ ଓ ମୁସଲମାନ ଭାଇମାନେ ସାମିଲ ହୋଇଥିଲେ। ଏହି ଅବସରରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଜାତୀୟ ପତାକା ଧରି ଶୋଭାଯାତ୍ରାରେ ଯାଉଥିବା ଦେଖାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶେଖ ଅବଦୁଲ ଅକ୍‌ମଲ, ସ୍ଥାନୀୟ କାଉନସିଲର ମହମ୍ମଦ ସାଗିର, ନିଆଜ୍‌ଉଦ୍ଦିନ ଖାଁ, ଜିଆଉଦ୍ଦିନ ଖାଁ, ଶେଖ ଅବଦୁଲ ଅଫଜଲ, ହାଇଦର ମହମ୍ମଦ, ମହମ୍ମଦ ସଲାଉଦ୍ଦିନ, ଇଦ୍‌ରିଶ ବକ୍ସ, ଶେଖ ନଜୁ, ମହମ୍ମଦ ଆଜାରୁଦ୍ଦିନଙ୍କ ସମେତ ବହୁ ମୁସଲମାନ ଭାଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।


ମହମ୍ମଦଙ୍କ ଜୟନ୍ତୀରେ ସୁନ୍ନି ଜମାତ୍ ଶୋଭାଯାତ୍ରା।

# ଉତ୍ସବମୁଖର କାମାକ୍ଷାନଗର ସହର

କାମାକ୍ଷାନଗର,୧୬।୯ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହରରେ ବିଶ୍ୱକର୍ମାଙ୍କ ପୂଜା ଆରମ୍ଭ ହୋଇଛି। ଏଥିପାଇଁ ସହର ପରିବେଶ ଚଳଚଞ୍ଚଳ ହୋଇଉଠିଛି। ବିଭିନ୍ନ ଛୋଟବଡ଼ ଅନୁଷ୍ଠାନ ଓ ସଂଘ କାର୍ଯ୍ୟାଳୟରେ ଏହି ପୂଜା ଧୁମଧାମରେ ଅନୁଷ୍ଠିତ ହୋଇଛି। ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ବସ୍ ମାଲିକ ସଂଘ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ, ଏନ୍‌ଏସି କାର୍ଯ୍ୟାଳୟ ସମେତ ବିଭିନ୍ନ ଛୋଟବଡ଼ ଦୋକାନରେ ଧୁମଧାମରେ ପୂଜା ହେଉଥିବାବେଳେ ବସ୍ ମାଲିକ ସଂଘ ପକ୍ଷରୁ ବିଜୁ ପଟ୍ଟନାୟକ ବସ୍‌ଷ୍ଟାଣ୍ଡ ପରିସରରେ ଦିନରେ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଭିନ୍ନକ୍ଷମଙ୍କ ଦ୍ୱାରା ଭକ୍ତି ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




# ସାଂସ୍କୃତିକ ପରମ୍ପରା ବଜାୟ ରହିବା ଦରକାର


ହାଟରୋଡ ବଜରଙ୍ଗ କ୍ଲବ ଗଣେଶ ପୂଜା କମିଟି ପକ୍ଷରୁ ସାଂସ୍କୃତିକ ଉତ୍ସବ।

ଢେଙ୍କାନାଳ,୧୬।୯(ରତନ ନାୟାର)

ଢେଙ୍କାନାଳ ସହର ହାଟରୋଡ ଠାରେ ବଜରଙ୍ଗ କ୍ଲବ ଗଣେଶ ପୂଜା କମିଟି ପକ୍ଷରୁ ଏକ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ମହେଶ ସାହୁ ଯୋଗଦେଇ ଯୁବକମାନଙ୍କ ଭିତରେ ସାଂସ୍କୃତିକ ପରମ୍ପରା ବଜାୟ ରହିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ଅଞ୍ଚଳବାସୀଙ୍କ ତରଫରୁ କରାଯାଇଥିବା ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହିତ ଏହା ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ ଜୟନ୍ତୀ ପାତ୍ର ଯୋଗଦେଇ ଯୁବକମାନଙ୍କ ଏଭଳି ଉଦ୍ୟମ ଅଞ୍ଚଳର ଏକଜୁଟର ଏକ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ସୁନୀଲ ଶର୍ମା, କାଉନସିଲର ସୁମିତ୍ରା ମଲ୍ଲିକ, ଶିଳ୍ପପତି ବିକାଶ ସାହୁ ଓ ବିଶିଷ୍ଟ ବ୍ୟବସାୟୀ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଯୁବକମାନେ ଏକମନ ହୋଇ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ବନମାଳି ମଲ୍ଲିକ ସଂଯୋଜନା କରିଥିଲେ।

# ହିନ୍ଦୋଳ ରୋଡ୍‌ରେ ଦେବଶିଳ୍ପୀଙ୍କ ପୂଜା

ଓଡ଼ାପଡ଼ା, ୧୬।୯ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ୍ ବିଦ୍ୟୁତ୍ କାର୍ଯ୍ୟାଳୟ ଠାରେ ବିଶ୍ୱକର୍ମା ପୂଜା ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନର କାର୍ଯ୍ୟସୂଚୀ ରହିଥିବା ଆୟୋଜକମାନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପୂଜାନୁଷ୍ଠାନରେ କର୍ତ୍ତା ଭାବେ ସୁଧୀର ପୃଷ୍ଟି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କର୍ମଚାରୀ ସଂଘ ସଭାପତି ଶ୍ରୀବସ୍ତ ସାହୁ, ସମ୍ପାଦକ ସଞ୍ଜିତ ଶତପଥୀ, କୋଷାଧ୍ୟକ୍ଷ ଜିତେନ୍ଦ୍ର ପରିଡ଼ା ପରିଚାଳନା କରୁଥିବା ବେଳେ ଆନନ୍ଦ, ଆଲୋକ, ରିଙ୍କୁ, ସୁଶାନ୍ତ, ଗୋଛି, ପ୍ରଜିତ ଓ ପୁରୁଷୋତ୍ତମ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ହିନ୍ଦୋଳ ରୋଡ୍ ଛୋଟ ଗାଡି ଚାଳକ ସଂଘ ଓ ଅନ୍ୟ ସ୍ଥାନରେ ବିଶ୍ୱକର୍ମା ପୂଜା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି।



# ନଭେମ୍ବର ୧୫ରୁ କପିଳାସ ମହୋତ୍ସବ

ଢେଙ୍କାନାଳ ,୧୬।୯(ରତନ ନାୟାର)


୨୨ତମ ବାର୍ଷିକ ଉତ୍ସବ ସମେତ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ପ୍ରତିଭା ଚୟନ ନିମନ୍ତେ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଢେଙ୍କାନାଳର ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ମାଇକ୍ରୋମିଡିଆ ଆୱାରନେସ୍‌ର କପିଳାସ ମହୋତ୍ସବ ଏବଂ ଅନୁଷ୍ଠାନର ୨୨ତମ ବାର୍ଷିକ ଉତ୍ସବ ସମେତ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ପ୍ରତିଭା ଚୟନ-୨୦୨୪ ଆସନ୍ତା ନଭେମ୍ବର ୧୫ରୁ ୧୭ ତାରିଖ ଯାଏ ଅନୁଷ୍ଠିତ ହେବ। ଏ ନେଇ ଅନୁଷ୍ଠାନର ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ମହାବୀର ବଜାରସ୍ଥିତ ମମତା ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ୧୫ ତାରିଖ ଦିନ ଉତ୍ସବର ଉଦ୍‌ଘାଟନ ଉତ୍ସବ କପିଳାସ ପୀଠରେ ପୂଜାର୍ଚ୍ଚନା ସହ ପର୍ବତାରୋହଣ ମାଧ୍ୟମରେ ଅନୁଷ୍ଠିତ ହେବ। ୧୬ ଓ ୧୭ ତାରିଖରେ ଗୋପବନ୍ଧୁ ଟାଉନ ହଲ୍‌ଠାରେ ଉତ୍ସବ ଅନୁଷ୍ଠିତ ହେବ। ରକ୍ତଦାନ ଶିବିର, କବିତା ଆସର, ପ୍ରତିଭା ଚୟନ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ କରାଯିବ। ପ୍ରଥମ ଦିବସରେ ବିଭିନ୍ନ ପ୍ରତିଯୋଗିତା କରାଯିବ। ପ୍ରତିଭାଧାରୀ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ମାଇକ୍ରୋମିଡିଆ ନିର୍ଦ୍ଦେଶକ ଅଥୟ କୁମାର ସାହୁ ବୈଠକ ପରିଚାଳନା କରିଥିବା ବେଳେ ସଭାପତି ନାଟ୍ୟକାର ପରେଶ ପଟ୍ଟନାୟକ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉପଦେଷ୍ଟା ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ସୁକାନ୍ତ କୁମାର ମିଶ୍ର, ଅବନୀ ମିଶ୍ର, ପ୍ରଦ୍ୟୁମ୍ନ ରଥ, ଶିଶିର ଶତପଥୀ, ସତ୍ୟ ସ୍ୱରୂପ ଦାସ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ଦେବାଶିଷ ମିଶ୍ର, ଅରବିନ୍ଦ ସାହୁ, ଆଦିତ୍ୟ ପଣ୍ଡା, ଲକ୍ଷ୍ମୀକାନ୍ତ ସାହୁ, ଅମାନୀ ସାହୁ, ଗଙ୍ଗାଧର ରାଉତ, ଅମୀୟ ଚାନ୍ଦ, ଡ. ପୁଷ୍ପଲତା ରଥ, ନିବେଦିତା ରଥ, ପ୍ରକାଶଚନ୍ଦ୍ର ରାଉତ, ରୁଦ୍ର ନାରାୟଣ ତ୍ରିପାଠୀ, ଅଭିମନ୍ୟୁ ପଣ୍ଡା ଓ କବି ବାହାଦୂର ପାଟସାହାଣୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ମଧୁସ୍ମିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ସଭ୍ୟ ସୌମ୍ୟବ୍ରତ ସାହୁ, ମମତା ମହନ୍ତ, ବିଶାଲ ଦାସ, ସରଗମ ସାହୁ, ବିନୋଦ ବିହାରୀ ମଲ୍ଲିକ, ସୌମ୍ୟାଶ୍ରୀ ଦାସ, ଜାହ୍ନବୀ ମହାରଣା, ସୁସ୍ମିତା ମାନ୍ନା, ଶୁଭଲଗ୍ନା ମହାପାତ୍ର ଓ ସଂଯୁକ୍ତା ସାହୁ ସହଯୋଗ କରିଥିଲେ।

# ସ୍ୱଚ୍ଛତା ନୀରୋଗ ଜୀବନଯାପନର ମୂଳମନ୍ତ୍ର

ଢେଙ୍କାନାଳ,୧୬।୯(ରତନ ନାୟାର)


ବିବି ହାଇସ୍କୁଲରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି।

ଢେଙ୍କାନାଳସ୍ଥିତ ଶତାୟୁ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ମାର୍ଗଦର୍ଶନରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ସ୍ୱଚ୍ଛତା ବିଭାଗ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ସ୍ୱାଗତିକା ରଥ, ଗାଇଡ୍ ଶିକ୍ଷୟିତ୍ରୀ କ୍ଷୀରାବ୍ଧି ତନୟା ମହାପାତ୍ର, ସାଂସ୍କୃତିକ ବିଭାଗ ଦାୟିତ୍ୱରେ ଥିବା ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର, ସଂସ୍କୃତ ଶିକ୍ଷକ ଦୀପ୍ତିଶ କୁମାର ଶତପଥୀଙ୍କ ମିଳିତ ପ୍ରଚେଷ୍ଟାରେ ସ୍ୱଚ୍ଛତା ପକ୍ଷ -୨୦୨୪ ନିରାଡ଼ମ୍ବର ଭାବେ ପାଳନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଡା. ଦେବୀ ପ୍ରସାଦ ମିଶ୍ର ସ୍ୱଚ୍ଛତା ହିଁ ଆଜିର ପ୍ରମୁଖ ଆବଶ୍ୟକତା ଓ ସ୍ୱଚ୍ଛତା ହିଁ ଉତ୍ତମ ସ୍ୱାସ୍ଥ୍ୟ ତଥା ନୀରୋଗ ଜୀବନଯାପନର ମୂଳମନ୍ତ୍ର ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଶୋଭାଯାତ୍ରା, ସ୍ୱଚ୍ଛତା ସମ୍ପର୍କରେ ସେମିନାର, ପ୍ରବନ୍ଧ, କବିତା ଲିଖନ, ସ୍ଲୋଗାନ୍, ଡ୍ରଇଂ, ପେଣ୍ଟିଂ ଓ ପୋଷ୍ଟର, ଡଷ୍ଟବିନ ପ୍ରସ୍ତୁତ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଶିକ୍ଷାବିତ୍ ପଣ୍ଡିତ ଡା. ରୁଦ୍ରନାରାୟଣ ମିଶ୍ର ରନିଙ୍ଗ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାରଙ୍ଗଧର ସାହୁ, ଉପସଭାପତି ସୁପ୍ରଭା ସ୍ୱାଇଁ, ଅନ୍ୟତମ ସଦସ୍ୟ ଲକ୍ଷ୍ମୀକାନ୍ତ ଜେନା, ଝରଣା ପାତ୍ର, ପ୍ରଭାସିନୀ ସାହୁ, ସୀମାରାଣୀ ସାହୁ, ମୀନା ନାଏକ, ବିରଞ୍ଚି ନାୟକ, ଦିଲାବର୍ ହୁସେନଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ, ଅଭିଭାବକ, ସମସ୍ତ ସମର ଶିକ୍ଷାର୍ଥୀ ବାହିନୀ କ୍ୟାଡେଟ ଉପସ୍ଥିତ ଥିଲେ।

# ବିକାଶ ପାଇଁ ସହଯୋଗ କରାଯିବ: ମନ୍ତ୍ରୀ କୃଷ୍ଣଚନ୍ଦ୍ର



ଭୁବନ ଗଣେଶ ପୂଜା ମେଳଣ ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

ଭୁବନ,୧୬।୯(ବିପିନ ସେଠୀ)

**ଗଣେଶ ପୂଜା ମେଳଣ ମହୋତ୍ସବ**

ଢେଙ୍କାନାଳ ଜିଲା ଭୁବନ ଗଣେଶ ପୂଜା ମେଳଣ ମହୋତ୍ସବ ତୃତୀୟ ସନ୍ଧ୍ୟା ପାଳିତ ହୋଇଛି। ମହୋତ୍ସବ ସଭାପତି ସୁବ୍ରତ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଗଣେଶ ପୂଜା ମେଳଣ ଜିଲାର ଶୋଭାବର୍ଦ୍ଧନ କରୁଛି। ଏହାର ବିକାଶ ପାଇଁ ପ୍ରଶାସନିକ ସ୍ତରରେ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି କହିଥିଲେ। ସମବାୟ, ହସ୍ତତନ୍ତ, ବୟନ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଭୁବନ ଏକ ଭାଇଚାରାର ଗାଁ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଘଣ୍ଟୁରା, ଘୋଡ଼ାନାଚ ଓ ଖଜଣୀ ବାଦ୍ୟ ଆଦି ଲୋକକଳା ପ୍ରଦର୍ଶନ ହୋଇଥିଲା। ଏହି ଅବସରରେ ଭୁବନ ଅଞ୍ଚଳର ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗଣେଶ ପୂଜା ଚାରିଟେବଲ ଟ୍ରଷ୍ଟ ସଭାପତି ଜିତେନ୍ଦ୍ର କୁମାର ଦାସ ସଂଯୋଜନା କରିଥିବା ବେଳେ ଉପସଭାପତି ବିନୋଦ କୁମାର ମହାରଣା ପରିଚାଳନା କରିଥିଲେ।

# କାର୍ ଧକ୍କାରେ ଗଲା ଯୁବକଙ୍କ ଜୀବନ

ଢେଙ୍କାନାଳ,୧୬।୯(ରତନ ନାୟାର)

**ପୁଣି ମୁଣ୍ଡ ନେଲା ଜାତୀୟ ରାଜପଥ**

■ଢେଙ୍କାନାଳ-ବଣସିଂହ ରାସ୍ତାରେ ଦୁର୍ଘଟଣାରେ ଜଣେ ମୃତ


୫୫ନଂ ଜାତୀୟ ରାଜପଥରେ କାର-ବାଇକ୍ ଦୁର୍ଘଟଣା।

ଢେଙ୍କାନାଳ ମଧ୍ୟଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥରେ ପୁଣି ଗଡ଼ିଛି ମୁଣ୍ଡ। ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳରେ ସୋମବାର ଅପରାହ୍ନରେ ଏକ ଦୁର୍ଘଟଣାରେ ଜଣେ ମୋଟର ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ଏହି ରାଜପଥରେ ଲଗାତର ଦୁର୍ଘଟଣା ଘଟି ଜୀବନହାନି ହେଉଥିବାରୁ ଏହାକୁ ନେଇ ପ୍ରଶାସନ ଓ ପୋଲିସର ଚିନ୍ତା ବଢାଇବାରେ ଲାଗିଛି।

ପ୍ରକାଶ ଯେ, ୫୫ନଂ ଜାତୀୟ ରାଜପଥର ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳର ଏକ ମିଷ୍ଟାନ୍ନ ଦୋକାନ ସମ୍ମୁଖରେ ଏକ କାର୍ (ନଂ. ଓଡି.୦୫-ବିଆର୍-୩୭୧୯) ବାଇକ୍ (ନଂ. ଓଡି.୦୬-କେ-୭୯୮୦)କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଯାଉଥିବା ବଳଦିଆବନ୍ଧ ଗ୍ରାମର ଜ୍ଞାନେନ୍ଦ୍ର ଦେହୁରୀ(୨୪)ଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଗୋବିନ୍ଦପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏ ସଂକ୍ରାନ୍ତରେ ସଦର ଥାନାରେ ନଂ-୭୩୨।୨୪ରେ ଏକ ମାମଲା ରୁଜୁ କରିଛି। ସେହିପରି ଢେଙ୍କାନାଳ-ବଣସିଂହ ପୂର୍ତ୍ତବିଭାଗ ରାସ୍ତାର କଳାପାଣି ଛକ ନିକଟରେ ସୋମବାର ସନ୍ଧ୍ୟା ୬ଟାରେ ଏକ ପିକ୍‌ଅପ ଭ୍ୟାନ ଧକ୍କା ଦେବାରୁ ବାଇକ ଆରୋହୀ ମାନସ ପୁହାଣ(୩୮)ଙ୍କ ମୃତ୍ୟୁ ହୋଇଛି। ତାଙ୍କ ସହିତ ଯାଉଥିବା ଅଜିତ ପରିଡା(୩୦) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ଘର ଗଁଦିଆ ଥାନା ଠାକୁରାପାଳ ଗ୍ରାମରେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଗତ ଶନିବାର ୫୫ନଂ. ରାଜପଥରେ ୩ଟି ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଥିଲେ। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହିତ ସହିତ ରାଜପଥର ମହିଷାପାଟ ବାଇପାସ ଛକଠାରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କୁ ତାଙ୍କ ଗାଡି ସହ ଉତ୍ତ୍ୟକ୍ତ ଲୋକେ ୨ଘଣ୍ଟା ଧରି ଅଟକାଇ ରଖିଥିଲେ। ଏହାର ଦିନକ ପରେ ପୁନର୍ବାର ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହେବା ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

